ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଆର.ଏସ. ଭୋନ୍ଦେ ଏବଂ ଅନ୍ୟମାନେ

ଅଗଷ୍ଟ 17, 2005

[ଅରିଜିତ ପଶାୟତ ଏବଂ ଏଚ. କେ. ସେମା, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ:*

*ମହାରାଷ୍ଟ୍ର ଶ୍ରମିକ ସଂଘର ମାନ୍ୟତା ଏବଂ ଅନୁଚିତ ଶ୍ରମ ପ୍ରଥା ନିବାରଣ ଅଧିନିୟମ, 1971/ପଞ୍ଜାବରାଓ କୃଷି ବିଶ୍ୱବିଦ୍ୟାଳୟ (କୃଷି ବିଦ୍ୟାପୀଠ) ଅଧିନିୟମ, 1968; ଧାରା 50(B)/ମହାରାଷ୍ଟ୍ର କୃଷି ବିଶ୍ୱବିଦ୍ୟାଳୟ (କୃଷି ବିଦ୍ୟାପୀଠ) ଅଧିନିୟମ, 1983:*

*ଦୈନିକ ମଜୁରିଆ- ନିରନ୍ତର ଭାବେ କାର୍ଯ୍ୟରତ- ସ୍ଥାୟୀ ପ୍ରକୃତିର କାର୍ଯ୍ୟ/କର୍ତ୍ତବ୍ୟ ସମ୍ପାଦିତ- ସ୍ଥାୟୀ କର୍ମଚାରୀଙ୍କ ଅନୁରୂପ ସୁବିଧା ଦାବି କରିବା- ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ସେମାନଙ୍କୁ ସ୍ଥାୟୀ କରିବାକୁ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟକୁ ଶିଳ୍ପ ନ୍ୟାୟାଧିକରଣ ନିର୍ଦ୍ଦେଶ ଦିଆଯିବା– ଆପତ୍ତି- ରାଜ୍ୟ ସରକାରଙ୍କ ଦ୍ୱାରା 'ଅନୁମୋଦନ' ସ୍ଥାନରେ 'ପୂର୍ବ ଅନୁମୋଦନ' ବଦଳ କରି ଉଚ୍ଚ ନ୍ୟାୟାଳୟ ଆଦେଶକୁ ପରିବର୍ତ୍ତନ କଲେ – 1968, ଅଧିନିୟମ ନିରସିତ- ପରେ, ଅନ୍ୟାନ୍ୟ ସଂଲଗ୍ନ ମାମଲାରେ ଉଚ୍ଚ ନ୍ୟାୟାଳୟ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟକୁ ସ୍ଥାୟୀ କର୍ମଚାରୀ ଭାବରେ ସମସ୍ତ ପରିଣାମସ୍ୱରୂପ ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ– ଆବେଦନ ଉପରେ, କୁହାଗଲା:- କେବଳ 1968 ଅଧିନିୟମର ଧାରା 50(B)ର ନିରସନ ହେବା କାରଣରୁ ତାହା ଉଚ୍ଚ ନ୍ୟାୟାଳୟର ପୂର୍ବରୁ ପାରିତ ହୋଇଥିବା ଆଦେଶର ପ୍ରଭାବକୁ ହଟାଇବ ନାହିଁ- ଏହା ବ୍ୟତୀତ, ଆପତ୍ତି କରାଯାଇନଥିବାରୁ ଉଚ୍ଚ ନ୍ୟାୟାଳୟର ପୂର୍ବ ଆଦେଶ ଚୂଡ଼ାନ୍ତ ରୂପ ପ୍ରାପ୍ତ କରିଥିଲା ।*

**ଏହି ଆବେଦନରେ ସ୍ଥିର କରିବା ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା, ତାହା ଥିଲା ସାମୟିକ ଶ୍ରମିକ/ଦୈନିକ ମଜୁରିଆମାନଙ୍କୁ ସ୍ଥାୟୀ କର୍ମଚାରୀ ରୂପେ ବ୍ୟବହାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅନୁମୋଦନ ଆବଶ୍ୟକ କି ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ସ୍ଥାୟୀ କର୍ମଚାରୀ ଭାବରେ ସମସ୍ତ ଆନୁସଙ୍ଗିକ ସୁବିଧା ପାଇବାକୁ ସେମାନେ ହକଦାର କି, ଏହି ଧାରଣା କରି ଯେ ସେମାନଙ୍କୁ ସ୍ଥାୟୀ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦନ/ପୂର୍ବ ଅନୁମୋଦନ ଆବଶ୍ୟକ ନଥିଲା କାରଣ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ଅଧିନିୟମର ଧାରା 50(B) ନିରସିତ ହୋଇଥିଲା ।**

**ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

**କହିଲେ: ଉଚ୍ଚ ନ୍ୟାୟାଳୟର ଆଦେଶ ସ୍ପଷ୍ଟ ଭାବେ ଏକାଧିକ ପ୍ରସଙ୍ଗରେ ଗ୍ରହଣୀୟ ନୁହେଁ । ଅନ୍ୟ ସମ୍ପୃକ୍ତ ମାମଲାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟର ପୂର୍ବ ଆଦେଶ ଚୂଡ଼ାନ୍ତ ହୋଇଥିଲା କାରଣ ଏଥିରେ କୌଣସି ଆପତ୍ତି ନଥିଲା**

**। ଶିଳ୍ପ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପରବର୍ତ୍ତୀ ରିଟ ଆବେଦନରେ ପ୍ରାର୍ଥନା ସ୍ୱଷ୍ଟ ଭାବରେ ଅନୁରକ୍ଷଣୀୟ ନୁହେଁ । କେବଳ ଏଥିପାଇଁ ଯେ 1968 ଅଧିନିୟମର ଧାରା 50(B) ରଦ୍ଦ କରାଯାଇଥିଲା, ଯାହା ପୂର୍ବ ମାମଲାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ପ୍ରଭାବକୁ ହଟାଇ ନଥିଲା । ଶିଳ୍ପ ଅଦାଲତର ଆଦେଶକୁ ଏହାର ମୂଳ ରୂପରେ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇ ପାରିନଥାନ୍ତା, ଯେତେବେଳେ ଉଚ୍ଚ ନ୍ୟାୟାଳୟ ଏହାର ପୂର୍ବ ଆଦେଶରେ ଏହାକୁ ପରିବର୍ତ୍ତନ କରିଥିଲେ, ଯାହା ଚୂଡ଼ାନ୍ତ ରୂପ ପ୍ରାପ୍ତ କରିଥିଲା, ତେଣୁ, ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ରଦ୍ଦ କରାଯାଇଛି । ତେବେ ସେ ଯାହା ହେଉ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ 7.11.1983 ରୁ ନୁହେଁ, ବରଂ ଏହି ସମ୍ପର୍କରେ ଯଥାକ୍ରମରୂପେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶ ତାରିଖଠାରୁ ଦୈନିକ ମଜୁରିଆ/କର୍ମଚାରୀଙ୍କ ନିୟମିତକରଣ କାର୍ଯ୍ୟକାରୀ ହେବ ।**

*ମହାତ୍ମା ଫୁଲେ କୃଷି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟମାନେ* ବନାମ *ନାସ୍କିକ ଜିଲ୍ଲା ଶେଠ କାମଗର ସଂଘ ଏବଂ ଅନ୍ୟମାନେ,* **[2001] 7 ଏସସିସି 346** *ଏବଂ ଅହମ୍ମଦନଗର ଜିଲ୍ଲା ଶେଟମାଜୁର ସଂଘ ବନାମ ଦିନକର ରାଓ କଲ୍ୟାଣରାଓ ଜଗଦଲେ,* **[2001] 7 ଏସସିସି 356 ଉପରେ ନିର୍ଭର କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4262/1999 ।

ଡବ୍ଲ୍ୟୁ. ପି. ସଂଖ୍ୟା 1343/1984 ରେ ନାଗପୁରସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟର ତା 28.10.96 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ରବୀନ୍ଦ୍ର କେ. ଆଦସୁରେ, ଶିବାଜୀ ଏମ୍. ଯାଦବ ଏବଂ ମୁକେଶ କେ. ଗିରି ।

ପ୍ରତିବାଦୀମାନଙ୍କ ପକ୍ଷରୁ ଏ. କେ. ସାଙ୍ଗୀ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି:** ମହାରାଷ୍ଟ୍ର ରାଜ୍ୟ ଏବଂ ପଞ୍ଜାବରାଓ କୃଷି ବିଦ୍ୟାପୀଠ (ଏହାପରେ 'ବିଶ୍ୱବିଦ୍ୟାଳୟ' ଭାବରେ ଜଣାଯିବ) ବମ୍ବେ ଉଚ୍ଚ ନ୍ୟାୟାଳୟର ନାଗପୁର ବିଚାରପୀଠର ଏକ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରତିବାଦୀମାନଙ୍କୁ (ଏହାପରେ 'କର୍ମଚାରୀ' ଭାବରେ ସୂଚିତ) 7.11.1983 ଠା'ରୁ ସ୍ଥାୟୀ କର୍ମଚାରୀ ଭାବରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅନୁମୋଦନ ପ୍ରାପ୍ତ କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ସେମାନେ ସେହିଦିନଠାରୁ ସ୍ଥାୟୀ କର୍ମଚାରୀ ଭାବରେ ସମସ୍ତ ସୁବିଧା ପାଇବାକୁ ହକଦାର ।

ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା:

ଆବେଦନକାରୀଙ୍କ ଅନୁଯାୟୀ ପ୍ରତିବାଦୀ ଏବଂ ଅନ୍ୟ କେତେଜଣ, ଯେଉଁମାନେ ଋତୁକାଳୀନ ଭିତ୍ତିରେ ନିୟୋଜିତ ଥିଲେ, ସେମାନେ ମହାରାଷ୍ଟ୍ର ଶ୍ରମିକ ସଂଘର ମାନ୍ୟତା ଏବଂ ଅନୁଚିତ ଶ୍ରମ ପ୍ରଥା ନିବାରଣ ଅଧିନିୟମ, 1971 (ଏହାପରେ 'ଅଧିନିୟମ' ଭାବରେ ସୂଚିତ) ର ଅନୁସୂଚୀ 4 ର ପ୍ରସଙ୍ଗ 6 ସହିତ ପଠିତ ଧାରା 28 ଅଧୀନରେ ଅଭିଯୋଗ ଦାଖଲ ଦ୍ୱାରା ଶିଳ୍ପ ଅଦାଲତ ମହାରାଷ୍ଟ୍ର, ନାଗପୁର ବିଚାରପୀଠ, ନାଗପୁରକୁ ଯାଇଥିଲେ । ଅଭିଯୋଗକାରୀମାନଙ୍କ ମାମଲା ଥିଲା ଯେ ସେମାନେ ବର୍ତ୍ତମାନର ଆବେଦନକାରୀ ସଂଖ୍ୟା 2- ବିଶ୍ୱବିଦ୍ୟାଳୟ, କୃଷି ମହାବିଦ୍ୟାଳୟ, ନାଗପୁରରେ  ଦୈନିକ ମଜୁରିଆ ଭାବେ କୌଣସି ବିରତି ବିନା କାର୍ଯ୍ୟରତ ଥିଲେ । ସେମାନଙ୍କ ଦ୍ୱାରା ସମ୍ପାଦିତ କର୍ତ୍ତବ୍ୟ ସ୍ଥାୟୀ ପ୍ରକୃତିର ଅଟେ । ଯଦିଓ ସେମାନଙ୍କୁ ଅସ୍ଥାୟୀ କର୍ମଚାରୀ ଭାବରେ ଜାରି ରଖାଯାଉଥିଲା, ସେମାନେ ସ୍ଥାୟୀ ପ୍ରକୃତିର କାର୍ଯ୍ୟରେ ଯୋଗ ଦେଉଥିଲେ । ସେମାନଙ୍କ ମତରେ, ଜଣେ ସ୍ଥାୟୀ ଶ୍ରମିକ ଯେଉଁ ସୁବିଧା ପାଇବାକୁ ହକଦାର, ସେଥିରୁ ସେମାନଙ୍କୁ ବଞ୍ଚିତ କରିବା ପାଇଁ ଏହି ପ୍ରଥା ଅନୁସରଣ କରାଯାଉଥିଲା ଏବଂ ଏହା ଅଧିନିୟମର ଅନୁସୂଚୀ 4 ର ପ୍ରସଙ୍ଗ 6 ଅଧୀନରେ ଅନ୍ୟାୟ ଶ୍ରମ ଅଭ୍ୟାସ ଅଟେ । ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ଅଭିଯୋଗ କରାଯାଇଥିବା ଅନୁଚିତ ଶ୍ରମ ପ୍ରଥା ଜାରି ରଖିବା ଏବଂ ଅଭିଯୋଗକାରୀମାନଙ୍କୁ ସେମାନେ କାର୍ଯ୍ୟ କରୁଥିବା ପଦବୀରେ ସ୍ଥାୟୀ କରିବା ପାଇଁ ପ୍ରାର୍ଥନା କରାଯାଇଥିଲା । ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଆଭିମୁଖ୍ୟ ଥିଲା ଯେ ଏହା ନିଜେ ସ୍ଥାୟୀ ପଦବୀ ସୃଷ୍ଟି କରିପାରିବ ନାହିଁ କାରଣ ଏଥିପାଇଁ ରାଜ୍ୟ ସରକାରଙ୍କୁ ଯୋଗାଯୋଗ କରିବାକୁ ପଡିବ । 140 ଜଣ ଶ୍ରମିକଙ୍କୁ ସ୍ଥାୟୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଯୋଗାଯୋଗ କରାଯାଇଥିଲା ବୋଲି ଦର୍ଶାଯାଇଥିଲା । ଶିଳ୍ପ ଅଦାଲତ କହିଥିଲେ ଯେ ତାହା ଅନୁଚିତ ଶ୍ରମ ପ୍ରଥା ଥିଲା ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ଅଭିଯୋଗକାରୀଙ୍କୁ ସ୍ଥାୟୀ କରିବାକୁ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟ ପଞ୍ଜାବରାଓ କୃଷି ବିଶ୍ୱବିଦ୍ୟାଳୟ (କୃଷି ବିଦ୍ୟାପୀଠ) ଅଧିନିୟମ, 1968 (ସଂକ୍ଷେପରେ 'ବିଶ୍ୱବିଦ୍ୟାଳୟ ଅଧିନିୟମ') ର ଧାରା  50(B) ର ସମ୍ପର୍କିତ ଥିଲା । ଶିଳ୍ପ ଅଦାଲତଙ୍କ ଦ୍ୱାରା ଦିଆଯାଇଥିବା ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇ ବିଶ୍ୱବିଦ୍ୟାଳୟ ଦ୍ୱାରା ଛଅଟି ରିଟ ଆବେଦନ ଦାଖଲ କରାଯାଇଥିଲା । ବମ୍ବେ ଉଚ୍ଚ ନ୍ୟାୟାଳୟ, ନାଗପୁର ବିଚାରପୀଠର ଜଣେ ମାନ୍ୟବର ଏକକ ବିଚାରପତି, ରିଟ ଆବେଦନ ସଂଖ୍ୟା 143/1983 ସହିତ ରିଟ ଆବେଦନ ସଂଖ୍ୟା 170/1983, 1171/1982, 1172/1982, 1173/1982 ଏବଂ 1174/1982 ରେ କହିଲେ ଯେ ଅଭିଯୋଗ ମାମଲାଗୁଡ଼ିକରେ ପାରିତ ଆଦେଶକୁ ଏପରି ମାତ୍ରାରେ ପରିବର୍ତ୍ତନ କରିବାକୁ ଥିଲା ଯେ ପ୍ରତ୍ୟେକ ମାମଲାରେ "ରାଜ୍ୟ ସରକାରଙ୍କ ଅନୁମୋଦନ ସାପେକ୍ଷ" ଶବ୍ଦଗୁଡ଼ିକ ବଦଳରେ "ରାଜ୍ୟ ସରକାରଙ୍କ ପୂର୍ବାନୁମୋଦନ ସାପେକ୍ଷ" ଶବ୍ଦଗୁଡ଼ିକୁ ପ୍ରତିସ୍ଥାପିତ କରିବାକୁ ଥିଲା ।

ଏହାପରେ, ଏଠାରେ ପ୍ରତିବାଦୀ ହୋଇଥିବା ଦଶ ଜଣ ବ୍ୟକ୍ତି ଶିଳ୍ପ ଅଦାଲତ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ଆବେଦନ ଦାଖଲ କରିଥିଲେ । ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ ଶିଳ୍ପ ନ୍ୟାୟାଳୟର ଆଦେଶକୁ "ରାଜ୍ୟ ସରକାରଙ୍କ ଅନୁମୋଦନ ସାପେକ୍ଷ" ଶବ୍ଦଗୁଡ଼ିକୁ ବାଦ କରି ସଂଶୋଧନ କରାଯିବ । ତଦନୁସାରେ, ନିର୍ଦ୍ଦେଶ ଦିଆଯାଇଥିଲା ଯେ ସମସ୍ତ ପ୍ରତିବାଦୀମାନଙ୍କୁ ସମସ୍ତ ସୁବିଧା ସହିତ ସ୍ଥାୟୀ କର୍ମଚାରୀ ଭାବରେ ବିବେଚନା କରାଯିବ 7.11.1983 ତାରିଖଠା'ରୁ ଅର୍ଥାତ୍ ଯେଉଁ ଦିନ

ମହାରାଷ୍ଟ୍ର କୃଷି ବିଶ୍ୱବିଦ୍ୟାଳୟ (କୃଷି ବିଦ୍ୟାପୀଠ) ଅଧିନିୟମ, 1983 ଦ୍ୱାରା ବିଶ୍ୱବିଦ୍ୟାଳୟ ଅଧିନିୟମର ଧାରା 50(B) ର ନିରସନ କରାଯାଇଥିଲା (ସଂକ୍ଷେପରେ '1983 ଅଧିନିୟମ') । ଉଚ୍ଚ ନ୍ୟାୟାଳୟଙ୍କ ମତରେ 1983 ଅଧିନିୟମରେ ଧାରା 50(B) ର ବ୍ୟବସ୍ଥା ଭଳି ଅନୁରୂପ କୌଣସି ବ୍ୟବସ୍ଥା ନଥିଲା ଏବଂ ତେଣୁ ରାଜ୍ୟ ସରକାରଙ୍କ ପୂର୍ବାନୁମୋଦନ ଠା'ରୁ କମ୍ କୌଣସି ଅନୁମୋଦନର ପ୍ରଶ୍ନ ଉଠୁନଥିଲା ।

ଆବେଦନକାରୀଙ୍କ ପାଇଁ ଶ୍ରୀମାନ ଓକିଲ ଦାଖଲ କରିଥିଲେ ଯେ ତା 25 ଜୁଲାଇ, 1983 ରିଖର ଆଦେଶ ଯାହା ଦ୍ୱାରା ରିଟ ଆବେଦନ ସଂଖ୍ୟା 143/83 ତଥା ଅନ୍ୟ ମାମଲାଗୁଡ଼ିକର ଫଏସଲା କରାଯାଇଥିଲା, ତାହା ଚୂଡ଼ାନ୍ତ ହୋଇଥିଲା । କେବଳ ଶିଳ୍ପ ଅଦାଲତର ଆଦେଶ ପାରିତ ହେବା ସମୟରେ ଯେଉଁ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା ତାହା ପରବର୍ତ୍ତୀ କାଳରେ ରଦ୍ଦ କରାଯାଇଥିଲା, ଯାହାର ପ୍ରକୃତରେ କୌଣସି ଫଳ ନଥିଲା ।

*ବିପରୀତରେ,* ପ୍ରତିବାଦୀଙ୍କ ଶ୍ରୀମାନ ଓକିଲ ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏହି ସତ୍ୟକୁ ଧ୍ୟାନରେ ରଖି ଯଥାଯଥ ଅଟେ ଯେ ବିଶ୍ୱବିଦ୍ୟାଳୟ ସବୁ ସମୟରେ ଏହି ଆଭିମୁଖ୍ୟ ଗ୍ରହଣ କରିଛି ଯେ ଏହାର ନିୟମିତକରଣ ପାଇଁ ଏକ ଯୋଜନା ରହିଛି ।

ଉଲ୍ଲେଖଯୋଗ୍ୟ ଯେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ସତ୍ୟପାଠରୁ ବିଶ୍ୱବିଦ୍ୟାଳୟ ପ୍ରକାଶ କରିଛି ଯେ ନିୟମିତ ଭାବେ କାର୍ଯ୍ୟ କରୁଥିବା 970 ଜଣ ଶ୍ରମିକଙ୍କ ବ୍ୟତୀତ ସମୟ ସମୟରେ ଦୈନିକ ମଜୁରୀ ଆଧାରରେ 3,000 ରୁ ଅଧିକ ଶ୍ରମିକଗଣ ନିୟୋଜିତ ହୋଇଥିଲେ । ଯେତେବେଳେ କୌଣସି ପଦବୀ ଖାଲି ପଡ଼ିଥାଏ କିମ୍ବା ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସହିତ ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନୂତନ ଭାବରେ ସୃଷ୍ଟି ହୁଏ, ନାଗପୁର ଏବଂ ଅମରାବତୀ ମହାମଣ୍ଡଳ ପାଇଁ ପୃଥକ ଭାବରେ ରଖାଯାଇଥିବା ପ୍ରତି ମହାମଣ୍ଡଳର ବରିଷ୍ଠତା ତାଲିକା ଅନୁଯାୟୀ ଦୈନିକ ମଜୁରୀରେ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଖାଲି ସ୍ଥାନ ପୂରଣ କରାଯାଏ । ଏହି ସ୍ଥିତି ପ୍ରତିବାଦୀମାନଙ୍କ ଦ୍ୱାରା ବିବାଦିତ ନୁହେଁ । ତେଣୁ, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଏକାଧିକ ପ୍ରସଙ୍ଗରେ ସ୍ପଷ୍ଟ ଭାବେ ଗ୍ରହଣୀୟ ନୁହେଁ । ପ୍ରଥମତଃ, ରିଟ ଆବେଦନ ସଂଖ୍ୟା 143/83 ଏବଂ ତା 25 ଜୁଲାଇ 1983 ରିଖର ଅନ୍ୟାନ୍ୟ ସମ୍ପୃକ୍ତ ମାମଲାଗୁଡିକରେ ନିର୍ଦ୍ଦେଶ ଚୂଡ଼ାନ୍ତ ହୋଇଯାଇଥିଲା ଏବଂ ଏଥିରେ କୌଣସି ଆପତ୍ତି ନଥିଲା । ଶିଳ୍ପ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ କରିବା ପାଇଁ ପରବର୍ତ୍ତୀ ରିଟ ଆବେଦନରେ ପ୍ରାର୍ଥନା ସ୍ପଷ୍ଟ ଭାବରେ ଅନୁରକ୍ଷଣୀୟ ନୁହେଁ । କେବଳ ଏଥିପାଇଁ ଯେ ଅଧିନିୟମର ଧାରା 50(B) ରଦ୍ଦ କରାଯାଇଥିଲା ଯାହା ପୂର୍ବ ମାମଲାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ପ୍ରଭାବକୁ ହଟାଇ ନଥିଲା । ଶିଳ୍ପ ଅଦାଲତର ଆଦେଶକୁ ଏହାର ମୂଳ ରୂପରେ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇ ପାରିନଥିଲା, ଯେତେବେଳେ ଉଚ୍ଚ ନ୍ୟାୟାଳୟର ଆଦେଶ ଦ୍ୱାରା ଏହାକୁ ପରିବର୍ତ୍ତନ କରାଯାଇଥିଲା ଯାହା ଚୂଡ଼ାନ୍ତ ରୂପ ହାସଲ କରିଥିଲା ।

ଏଥି ସହ, *ମହାତ୍ମା ଫୁଲେ କୃଷି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟମାନେ* ବନାମ *ନାସ୍ତିକ ଜିଲ୍ଲା ଶେଠ କାମଗର ସଂଘ ଏବଂ ଅନ୍ୟମାନେ,* [2001] 7 ଏସସିସି 346 ମାମଲାରେ ଏହି ନ୍ୟାୟାଳୟ ମତ ଦେଇଥିବା ଅନୁସାରେ,

ସ୍ଥାୟୀତ୍ୱର ମାନ୍ୟତା ପ୍ରଦାନ କରାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ କୌଣସି ପଦବୀ ନଥାଏ । ପୁନର୍ବାର, *ଅହମ୍ମଦନଗର ଜିଲ୍ଲା ଶେଟମାଜୁର ସଂଘ* ବନାମ *ଦିନକର ରାଓ କଲ୍ୟାଣରାଓ ଜଗଦଲେ*, [2001] 7 ଏସସିସି 356 ମାମଲାରେ ଏହା କୁହାଯାଇଥିଲା ଯେ କେବଳ ପ୍ରତ୍ୟେକ ବର୍ଷ କାର୍ଯ୍ୟ ଉପଲବ୍ଧ ଥିବା ଅବଧିରେ ଋତୁକାଳୀନ କାର୍ଯ୍ୟ ଜାରି ରଖିବା ସ୍ପଷ୍ଟତଃ ସ୍ଥାୟୀ ସ୍ଥିତି ଗଠନ କରେ ନାହିଁ ଯେ ପର୍ଯ୍ୟନ୍ତ ପଦବୀ ବିଦ୍ୟମାନ ନାହିଁ ଏବଂ ନିୟମିତକରଣ କରାଯାଇନାହିଁ ।

ସ୍ଥିତି ଏପରି ହୁଅନ୍ତେ, ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ରଦ୍ଦ କରାଯାଉଛି । ତେବେ ସେ ଯାହା ହେଉ, ଏହା ବିବାଦରେ ନାହିଁ ଯେ ଇତି ମଧ୍ୟରେ ମୃତ୍ୟୁବରଣ କରିଥିବା ପ୍ରତିବାଦୀ ସଂଖ୍ୟା ୪ ବ୍ୟତୀତ ଅନ୍ୟମାନଙ୍କୁ ସମୟ ସମୟରେ ନିୟମିତ କରାଯାଇଛି । ଏହି ସମ୍ବନ୍ଧରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶର ତାରିଖଠାରୁ ନିୟମିତକରଣ କାର୍ଯ୍ୟକାରୀ ହେବ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ 7.11.1983 ରୁ ନୁହେଁ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଉଛି ।

ଏସ.କେ.ଏସ.

ଆଂଶିକ ଭାବେ ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**